# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 25th June – 2026

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବାର ୫୧ ବର୍ଷ ପୂର୍ତ୍ତି ଅବସରରେ ଆଜି ପାଳନ କରାଯାଉଛି ସମ୍ବିଧାନ ହତ୍ୟା ଦିବସ ।

— ସମ୍ବିଧାନ ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷା, ଅଧିକାର ଓ କର୍ତ୍ତବ୍ୟର ପ୍ରତିଫଳନ; କହିଲେ ପ୍ରଧାନମନ୍ତ୍ରୀ ।

- ରାଜ୍ୟର ସମସ୍ତ ହସ୍ପିଟାଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ।
- ପୁରୀରେ ନିର୍ମାଣ ହେବ ୧ ହଜାର ଆସନ ବିଶିଷ୍ଟ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର ।

ଏବଂ

- ୨୦୨୩ ଓ ୨୪ ବର୍ଷପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା ।

*Desk*

# ସମ୍ବିଧାନ ହତ୍ୟା ଦିବସ

ଭାରତରେ ଜରୁରିକାଳୀନ ପରିସ୍ଥିତି ଲାଗୁ ହେବା ଦିନକୁ ଆଜି ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯାଉଛି । ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଭାରତୀୟ ସମ୍ବିଧାନ ପ୍ରତି ଅମର୍ଯ୍ୟାଦା ପ୍ରଦର୍ଶନପୂର୍ବକ ତତ୍କାଳୀନ ସରକାର ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ।

ଦେଶର ଗଣତାନ୍ତ୍ରିକ ଇତିହାସର ମର୍ଯ୍ୟାଦା କ୍ଷୁଣ୍ଣ କରିଥିବା ୧୯୭୫ ମସିହାର ସେହିଦିନକୁ ମନେପକାଇ ଆଜି ଦେଶର କୋଣ-ଅନୁକୋଣରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ କଳାଦିବସ ଭାବେ ଅଭିହିତ କରି କହିଛନ୍ତି, ସମ୍ବିଧାନ ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷା, ଅଧିକାର ଓ କର୍ତ୍ତବ୍ୟର ପ୍ରତିଫଳନ ହେଲେ ଆଜିର ଦିନରେ ଭାରତୀୟ ସମ୍ବିଧାନର ମର୍ଯ୍ୟଦାହାନୀ କରାଯିବା ସହ ଲୋକଙ୍କର ମୌଳିକ ଅଧିକାର ଶେଷ କରି ଦିଆଯାଇଥିଲା। ଗଣମାଧ୍ୟମର ସ୍ୱାଧୀନତାକୁ ମଧ୍ୟ ଛଡ଼ାଇ ନିଆଯାଇଥିଲା। ରାଜନେତା, ସାମାଜିକ କର୍ମୀ, ଛାତ୍ରଛାତ୍ରୀ ଏବଂ ସାଧାରଣ ନାଗରିକଙ୍କୁ ଜେଲ୍‌ରେ ବନ୍ଦୀ କରି ରଖାଯାଇଥିଲା। ଏହି ସମୟରେ ପ୍ରକୃତରେ ଗଣତନ୍ତ୍ରର ହତ୍ୟା ହୋଇଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପରିପ୍ରେକ୍ଷୀରେ କହିଛନ୍ତି, ଆଜିର ଦିନରେ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରି ସାଧାରଣ ନାଗରିକଙ୍କୁ ମୌଳିକ ଅଧିକାରକୁ କ୍ଷୁଣ୍ଣ କରାଯାଇଥିଲା। ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ହୋଇଥିବା ଏହି ଆଘାତକୁ ସ୍ମରଣ କରିବା ଏବଂ ନିଜର

ସାମ୍ବିଧାନିକ ଅଧିକାର ପ୍ରତି ପ୍ରତିଟି ନାଗରିକଙ୍କୁ ସତର୍କ ଓ ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି ।

*Desk*

# ବିକଶିତ ଭାରତ ସଙ୍କଳ୍ପ

ବିକାଶିତ ଭାରତର ସଙ୍କଳ୍ପକୁ ସାକାର କରିବାପାଇଁ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସଶକ୍ତି କରିବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଚଣ୍ଡିଗଡ଼ଠାରେ ଆୟୋଜିତ ସମ୍ବିଧାନ ହତ୍ୟା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଭାରତ ହେଉଛି ଗଣତନ୍ତ୍ରର ଜନନୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ବିକଶିତ ଭାରତ- ୨୦୪୭ର ସଙ୍କଳ୍ପ ଆଡ଼କୁ ଅଗ୍ରସର ହେଉଛି । ଏହି ପରିପ୍ରେକ୍ଷୀରେ ସମ୍ବିଧାନ ହତ୍ୟା ଦିବସକୁ ସ୍ମରଣ କରିବା ନିତାନ୍ତ ଆବଶ୍ୟକ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜରୁରୀକାଳୀନ ପରିସ୍ଥିତି ସମୟରେ ଅମାନୁଷିକ ନିର୍ଯାତନା ସହି ଦେଶର ଗଣତନ୍ତ୍ରକୁ ଜୀବିତ ରଖିବାପାଇଁ ସଂଗ୍ରାମ କରିଥିବା ଗଣତନ୍ତ୍ରର ପ୍ରହରୀମାନଙ୍କୁ ସମ୍ମାନିତ କରିଥିଲେ ।

*Nabarangpur/R*

## ସମ୍ବିଧାନ ହତ୍ୟା

ନବରଙ୍ଗପୁର ଜିଲ୍ଲା ଉମରକୋଟ୍ ବି.ଜେ.ପି. କାର୍ଯ୍ୟାଳୟରେ ସମ୍ବିଧାନ ହତ୍ୟାଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାର୍ଯ୍ୟକ୍ରମରେ ଯୋଗଦେଇ ଜରୁରୀକାଳୀନ ପରିସ୍ଥିତିକୁ ଭାରତୀୟ ଗଣତନ୍ତ୍ରର କଳା ଅଧ୍ୟାୟ ଭାବେ ଅଭିହିତ କରିଥିଲେ । ଗଣତନ୍ତ୍ରର ସୁରକ୍ଷାପାଇଁ ସଚେତନତା ନିତ୍ୟାନ୍ତ ଜରୁରୀ ବୋଲି ଶ୍ରୀ ଗଣ୍ଡ କହିଛନ୍ତି ।

*Desk*

## ରାଜ୍ୟସଭା - ଶପଥ ଗ୍ରହଣ

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ଆଜି ରାଜ୍ୟସଭାର ୧୦ ଜଣ ନବନିର୍ବାଚିତ ଏବଂ ପୁନଃ ନିର୍ବାଚିତ ସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ।  ଓଡ଼ିଶାରୁ ରାଜ୍ୟସଭା ସଦସ୍ୟ ଭାବେ ଦେବାଶିଶ ସାମନ୍ତରାୟ ଆଜି ଶପଥ ଗ୍ରହଣ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶରୁ ୪ ଜଣ, ଝାଡ଼ଖଣ୍ଡରୁ ୨ ଜଣ ଏବଂ ତାମିଲନାଡୁ, ଗୁଜରାଟ ଏବଂ ଅରୁଣାଚଳ ପ୍ରଦେଶରୁ ଜଣେ ଲେଖାଏଁ ସଦସ୍ୟ ଅଛନ୍ତି ।

*Desk*

# ଅଗ୍ନି ନିରାପତ୍ତା ବ୍ୟବସ୍ଥା

ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଅଗ୍ନି ନିରାପତ୍ତା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ମହାଲିଙ୍ଗ' ରାଜ୍ୟର ସମସ୍ତ ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଅନୁପାଳନ ନେଇ ସମୀକ୍ଷା କରିଥିଲେ । ରୋଗୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ ଅଗ୍ନି ନିର୍ବାପକ ଉପକରଣର ଯାଞ୍ଚ, ଜରୁରୀକାଳୀନ ପ୍ରସ୍ତୁତିର ତଦାରଖ, ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡର କଡ଼ାକଡ଼ି ପାଳନ ଏବଂ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କାର୍ଯ୍ୟକ୍ଷମ କରିବାକୁ ଶ୍ରୀ ମହାଲିଙ୍ଗ ପରାମର୍ଶ ଦେଇଛନ୍ତି । ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିରାପତ୍ତା ସରକାରଙ୍କ ପ୍ରମୁଖ ଦାୟିତ୍ୱ । ଅଗ୍ନିକାଣ୍ଡ ପରି ଆପଦକାଳୀନ ପରିସ୍ଥିତିର ମୁକାବିଲାପାଇଁ ପ୍ରତ୍ୟେକ ଅନୁଷ୍ଠାନରେ ପୂର୍ବପ୍ରସ୍ତୁତି ଓ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ ନିତାନ୍ତ ଆବଶ୍ୟକ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

***Puri/R***

# ସମ୍ମିଳନୀ କେନ୍ଦ୍ର

ଶ୍ରୀକ୍ଷେତ୍ର ପୁରୀରେ ୧ ହଜାର ଆସନ ବିଶିଷ୍ଟ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର ନିର୍ମାଣ କରାଯିବ । ଆଜି 'ବିକଶିତ ଓଡ଼ିଶାପାଇଁ ଜନଭାଗିଦାରୀ, ସଶକ୍ତ ନାଗରିକ-ସମାବେଶୀ ସହର-ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ' ଶୀର୍ଷକ କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଏହି ବିଷୟକ ଘୋଷଣା କରିଛନ୍ତି । ପୁରୀକୁ ସମ୍ମିଳନୀ, ସାଂସ୍କୃତି କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ବୃହତ୍ ଜନସମାବେଶପାଇଁ ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ଏହି ସମ୍ମିଳନୀ କେନ୍ଦ୍ର ନିର୍ମାଣ କରାଯିବ । ପ୍ରକଳ୍ପର ତ୍ୱରିତ ରୂପାୟନପାଇଁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଆରମ୍ଭ କରିବାକୁ ମନ୍ତ୍ରୀ ଡକ୍ଟର ମହାପାତ୍ର ପୁରୀ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

# ଚଳଚ୍ଚିତ୍ର ପୁରସ୍କାର

ସରକାରଙ୍କ ପକ୍ଷରୁ ୨୦୨୩ ଓ ୨୦୨୪ ବର୍ଷପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ ମନୋନୀତ କଳାକାରଙ୍କ ନାମ ଘୋଷଣା କରିଛନ୍ତି । ୨୦୨୩ ମସିହାପାଇଁ

‘ପୁଷ୍କରା’ ଓ ‘ମାଇଁ ସ୍ୱିଟ୍ ହାଉସ୍ ଓ୍ୱାଇଫ୍’କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ମନୋନୀତ କରାଯାଇଥିବାବେଳେ ଅଭିନେତ୍ରୀ ସୁପ୍ରିୟା ନାୟକ ଓ ନୈନା ଦାସଙ୍କୁ ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ ଭାବେ ମନୋନୟନ କରାଯାଇଛି । ଶ୍ରେଷ୍ଠ ଅଭିନେତା ଭାବେ ହରିହର ମହାପାତ୍ରଙ୍କୁ ଚୟନ କରାଯାଇଛି । ‘ମୋ ବୋଉ ମୋ ଗାଆଁ’କୁ ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ସମ୍ମାନ ପାଇଁ ଚୟନ କରାଯାଇଥିବାବେଳେ ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟଙ୍କୁ ‘ମୋହନ ସୁନ୍ଦର ଦେବଗୋସ୍ୱାମୀ ସମ୍ମାନ’ ପାଇଁ ଚୟନ କରାଯାଇଛି । ୨୦୨୪ ମସିହାପାଇଁ ‘ଆଶ୍ରମ’କୁ ଶ୍ରେଷ୍ଠ ଚଳଚ୍ଚିତ୍ର  ଭାବେ ମନୋନୀତ କରାଯାଇଥିବାବେଳେ ‘ପାବାର’ ଚଳଚ୍ଚିତ୍ରପାଇଁ ବାବୁସାନ୍ ମହାନ୍ତିଙ୍କୁ ଶ୍ରେଷ୍ଠ ଅଭିନେତା ଓ ‘ଭଗିଆ ଭାରିଜା’ ଚଳଚ୍ଚିତ୍ର ପାଇଁ ଦେବଜାନୀ ଦେଘୁରିଆଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଚୟନ କରାଯାଇଛି । ଅଭିନେତ୍ରୀ ନମ୍ରତା ଦାସଙ୍କୁ ୨୦୨୪ ପାଇଁ ‘ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ’ ପାଇବେ । ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଯ କହିଛନ୍ତି :

***Voice (Suraj)*** :......

***Desk***

# ଶ୍ରୀମନ୍ଦିର - ରୁକ୍ମିଣୀ ହରଣ

ପୁରୀ ଶ୍ରୀମନ୍ଦିରରେ ଆଜି ଜ୍ୟେଷ୍ଠ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ରୁକ୍ମିଣୀ ହରଣ ନୀତି ଅନୁଷ୍ଠିତ ହୋଇଯାଇଛି । ପରମ୍ପରା ଅନୁସାରେ ଆଜି ମହାଲକ୍ଷ୍ମୀ

ମନ୍ଦିରୁ ବିଜେ କରି ବିମଳା ମନ୍ଦିର ନିକଟକୁ ଯାଇଥିବାବେଳେ ଭୋଗମଣ୍ଡପ ନୀତି ଶେଷ ହେବା ପରେ ସେଠାରେ ବଚନିକା ଆଦି ବିଧି ସହ ହରଣ ନୀତି ଶେଷ ହୋଇଥିଲା । ସନ୍ଧ୍ୟାଧୂପ ନୀତି ପରେ ବିବାହ ଉତ୍ସବ ନୀତି ଅନୁଷ୍ଠିତ ହେବ ।

***Kalahandi/R***

# ପି.ଏମ୍. ସ୍ୱନିଧି ଉତ୍ସବ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଟାଉନ୍ ହଲ୍‌ଠାରେ ପି.ଏମ୍. ସ୍ୱନିଧି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପି.ଏମ୍. ସ୍ୱନିଧି ଯୋଜନା ମାଧ୍ୟମରେ ଉଠାଦୋକାନୀଙ୍କର ଆର୍ଥିକ ସଶକ୍ତୀକରଣ, ସ୍ୱାବଲମ୍ବନ ଏବଂ ଜୀବିକାର ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା ।  ଏହି ଅବସରରେ ଭବାନୀପାଟଣା ପୌରପାଳିକାର ୧୦ ଜଣ ବ୍ୟବସାୟୀଙ୍କୁ ପ୍ରଥମ କିସ୍ତି ଅର୍ଥରାଶି ପ୍ରଦାନ କରାଯାଇଥିଲା ।  କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ୍, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

*Nayagarh/R*

# ଭିତ୍ତିପ୍ରସ୍ତର ସ୍ଥାପନ

ନୟାଗଡ଼ ଜିଲ୍ଲା କୋଷାକଟା ରାସ୍ତାର ଉନ୍ନତୀକରଣପାଇଁ ୭ କୋଟି ଟଙ୍କା ବ୍ୟୟରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ରାସ୍ତା ନିର୍ମାଣ ଦ୍ୱାରା ସ୍ଥାନୀୟ ଲୋକଙ୍କ ଯାତାୟାତ ସୁବିଧା, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ ବୋଲି ଶ୍ରୀ ପାଣିଗ୍ରାହୀ କରିଛନ୍ତି । ଏହାଦ୍ୱାରା କାଣିଗିରି, କୋଷାକଟା ଓ ଆଖପାଖ ଅଞ୍ଚଳର ଲୋକମାନେ ସହଜରେ ବ୍ଲକ୍ ଓ ଜିଲ୍ଲା ସଦର ମହକୁମାକୁ ଯାତାୟତ ସୁଗମ ହୋଇପାରିବ ।

*Nayagarh/R*

# ନିଶା ନିରୋଧି ଅଭିଯାନ

ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ନିଶାଦ୍ରବ୍ୟର ଅପବ୍ୟବହାର ଏବଂ ଅବୈଧ ଚାଲାଣ ନିରୋଧି ଅଭିଯାନ-୨୦୨୬ ସମ୍ପର୍କିତ ସଚେତନତା ରଥକୁ ଜିଲ୍ଲାପାଳ ମଧୁମିତା ରଥ ଉଦ୍‌ଘାଟନ କରିଛନ୍ତି । ଯୁବପିଢ଼ିଙ୍କୁ ନିଶା ଅଭ୍ୟାସରୁ ଦୂରେଇ ରହିବା ଏବଂ ସଚେତନ ହେବାପାଇଁ ଶ୍ରୀମତୀ ରଥ ପରାମର୍ଶ ଦେଇଥିଲେ ।

*Nayagarh, Deogarh/R*

# ବିକାଶର ଧାରା : ଓଡ଼ିଶା ସାରା

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ପରିସରରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ଯୁବପିଢ଼ିଙ୍କ ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ଏବଂ ସ୍ୱ-ରୋଜଗାର ପ୍ରୋତ୍ସାହନ ଉପରେ ଆଲୋଚନା କରିଥିଲେ । ପରେ ଅଙ୍ଗନୱାଡ଼ି କର୍ମୀଙ୍କୁ ଡିଜିଟାଲ୍ ସଶକ୍ତୀକରଣ ଲକ୍ଷ୍ୟ ନେଇ ସ୍ମାର୍ଟ ଫୋନ୍ ପ୍ରଦାନ କରାଯାଇଥିଲା ।

ଦେବଗଡ଼ ଜିଲ୍ଲା ବାରକୋଟ୍ ବ୍ଲକ୍‌ର ସମସ୍ତ ୨୪ଟି ପଞ୍ଚାୟତରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନ୍ତର୍ଗତ ଜନକଲ୍ୟାଣ ଶିବିର ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା, ୬୪ ଜଣଙ୍କୁ ଆୟୁଷ୍ମାନ ବୟୋବନ୍ଦନ ଯୋଜନାରେ ପଞ୍ଜୀକରଣ, ୮ ଶହ ଅଣାଅଶୀ ଜଣଙ୍କୁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଇ-କେ.ୱାଇ.ସି. କାର୍ଡ଼ ପ୍ରଦାନ କରାଯାଇଥିଲା ।

*Dhenkanal/R*

# ଆଇ.ଆଇ.ଏମ୍.ସି. ନାମଲେଖା

ଢେଙ୍କାନାଳସ୍ଥିତ ଭାରତୀୟ ଜନ ସଞ୍ଚାର ସଂସ୍ଥାନ - ଆଇ.ଆଇ.ଏମ୍.ସି.ରେ ୨୦୨୬-୨୭ ଶିକ୍ଷାବର୍ଷପାଇଁ ନାମଲେଖା ପ୍ରକ୍ରିୟା ଜାରି ରହିଛି । ଆସନ୍ତା ମାସ ୩ ତାରିଖ ପୂର୍ବାହ୍ନ ୧୧ଟାରେ ପତ୍ରସୂଚନା କାର୍ଯ୍ୟାଳୟ, ଭୁବନେଶ୍ୱର କିମ୍ବା ଆକାଶବାଣୀ କାର୍ଯ୍ୟାଳୟ ସମ୍ବଲପୁର ଓ ୨୭ ତାରିଖରେ ଆଇ.ଆଇ.ଏମ୍.ସି. ଢେଙ୍କାନାଳ ପରିସରରେ ସ୍ପଟ୍ ପ୍ରବେଶ ଓ ସାକ୍ଷାତ୍କାର ଅନୁଷ୍ଠିତ ହେବ । ଇଚ୍ଛୁକ ଛାତ୍ରଛାତ୍ରୀମାନେ ୯୯୩୭୮-୮୧୨୮୫ ନମ୍ବରରେ ଯୋଗାଯୋଗ କରିପାରିବେ ।

***Met. O.***

# ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

******